# NATIONAL NEWS BULLETIN (ODIA)

**18 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦକ୍ଷିଣାଞ୍ଚଳ ରାଜ୍ୟ ଗୁଡ଼ିକରେ ଏନ୍.ଡି.ଏ ପ୍ରତି ବିପୁଳ ସମର୍ଥନର ଆଭାସ ମିଳିଛି ।
- ତିନିଦିନ ବ୍ୟାପୀ ଷ୍ଟାର୍ଟଅପ୍ ମହାକୁମ୍ଭ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଛି ।
- ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି ।
- ନିର୍ବାଚନ ବଣ୍ଡ ସମ୍ବନ୍ଧୀୟ ସବିସ୍ତୃତ ତଥ୍ୟ ପ୍ରଘଟ କରିବାକୁ ସୁପ୍ରିମକୋର୍ଟ ଆଜି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏବଂ

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଦିଲ୍ଲୀ ଜଳବୋର୍ଡ ଅନିୟମିତତା ମାମଲାରେ ଆଜି ଏନ୍‌ଫୋର୍ସମେଣ୍ଟ ଡାଇରୋକ୍ଟେରେଟ୍ ସମନକୁ ଏଡାଇ ଦେଇଛନ୍ତି ।

# ପିଏମ୍-ଜଗତିଆଲ ର୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦକ୍ଷିଣାଞ୍ଚଳ ରାଜ୍ୟ ଗୁଡ଼ିକରେ ଏନ୍.ଡି.ଏ ପ୍ରତି ବିପୁଳ ସମର୍ଥନର ଆଭାସ ମିଳିଛି । ତେଲେଙ୍ଗାନାର ଜଗତିଆଲଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ତେଲେଙ୍ଗାନାର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାର ପୂରଣ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ଜଗତିଆଲ ର୍ୟାଲିରେ ଘଟିଥିବା ଜନସମାଗମରୁ ଜନ ସମର୍ଥନ କାହାପ୍ରତି ରହିଛି ତାହା ବେଶ୍ ପ୍ରତୀୟମାନ ହୋଇଛି । ରାଜ୍ୟର ଦ୍ରୁତ ବିକାଶ ପାଇଁ ଏନ୍.ଡି.ଏ ସପକ୍ଷରେ ମତଦାନ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ପ୍ରଧାନମନ୍ତ୍ରୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଶକ୍ତି ମନ୍ତବ୍ୟ ଉପରେ ତାଙ୍କର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ-୩ ଲ୍ୟାଣ୍ଡର ବିକ୍ରମ ପଦାର୍ପଣ କରିଥିବା ସ୍ଥାନର ନାମ ଶିବଶକ୍ତି ପଏଣ୍ଟ ଥିଲା । ଶ୍ରୀ ମୋଦୀ କହିଛନ୍ତି ଇଣ୍ଡିଆ ମେଣ୍ଟ ତେଲେଙ୍ଗାନାର ଜନସାଧାରଣଙ୍କର ଅପମାନ କରିଛି । କଂଗ୍ରେସ ଓ ବି.ଆର୍.ଏସ୍ ଭଳି ପରିବାରବାଦୀ ପାର୍ଟି ଗୁଡ଼ିକ 2G ଦୁର୍ନୀତି, ନ୍ୟାସନାଲ ହେରାଲ୍ଡ ଦୁର୍ନୀତି, ବୋଫର୍ସ ଦୁର୍ନୀତି ଓ ପଶୁଖାଦ୍ୟ ଦୁର୍ନୀତିରେ ଲିପ୍ତ ଥିଲେ । ଯେଉଁମାନେ ତେଲେଙ୍ଗାନାର

ଜନସାଧାରଣଙ୍କୁ ଠକିଛନ୍ତି ସେମାନଙ୍କୁ କ୍ଷମା ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ଆଉ୍ ପିଏମ୍ ର୍ୟାଲି

ଜଗତିଆଲ ହେଉଛି ତେଲେଙ୍ଗାନାର ନିଜାମାବାଦ ଲୋକସଭା ଆସନର ଏକ ଅଂଶ । ଶ୍ରୀ ମୋଦୀ ନିଜାମାବାଦ, କରିମନଗର ଓ ପେଡାପଲ୍ଲୀର ପ୍ରାର୍ଥୀମାନଙ୍କୁ ପରିଚିତ କରାଇଛନ୍ତି । ଗତ ଦୁଇଦିନ ମଧ୍ୟରେ ତେଲେଙ୍ଗାନାରେ ଏହା ତାଙ୍କର ତୃତୀୟ କାର୍ଯ୍ୟକ୍ରମ ।

## ଷ୍ଟାର୍ଟଅପ୍-ମହାକୁମ୍ଭ

ତିନିଦିନ ବ୍ୟାପୀ ଷ୍ଟାର୍ଟଅପ୍ ମହାକୁମ୍ଭ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଛି । ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ଉପରେ ଏହା ହେଉଛି ସର୍ବବୃହତ୍ କାର୍ଯ୍ୟକ୍ରମ । ଷ୍ଟାର୍ଟଅପ୍ ମହାକୁମ୍ଭରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ପୁଞ୍ଜିନିବେଶକାରୀ ମାନଙ୍କ ସହ ସଂଯୋଗ କରିବାର ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡି.ପି.ଆଇ.ଆଇ.ଟି ସଚିବ ରାଜେଶ କୁମାର ସିଂହ କହିଛନ୍ତି ୨୦୧୬ରେ ଭାରତରେ ଷ୍ଟାର୍ଟଅପ୍ ଆରମ୍ଭ ହେବା ସମୟରେ ଦେଶରେ ୩୦୦ ଷ୍ଟାର୍ଟଅପ୍ ଥିଲା । ବର୍ତ୍ତମାନ ସେଗୁଡ଼ିକର ସଂଖ୍ୟା ଏକଲକ୍ଷ୍ୟକୁ ବୃଦ୍ଧି ପାଇଛି ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ପ୍ୟାଭିଲିୟନ ରହିଛି । ସେଗୁଡ଼ିକ ମଧ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ୟାଭିଲିୟନ B2B ପ୍ୟାଭିଲିୟନ, ଏଗ୍ରିଟେକ୍, ଡିପ୍‌ଟେକ୍, କ୍ଲାଇମେଟ୍ ଟେକ୍, ଗେମିଙ୍ଗ, ଇ-ସ୍ପୋର୍ଟ୍‌ସ, ଫିନ୍‌ଟେକ୍, ଇନ୍‌କ୍ୟୁବେଟର ଓ ଆକ୍ସିଲିରେଟର ପ୍ୟାଭିଲିୟନମାନ ରହିଛି । ୨୦୦୦ରୁ ଅଧିକ ଷ୍ଟାର୍ଟଅପ୍, ୩୦ହଜାର ଉଦ୍ୟୋଗପତି, ୫୦ହଜାର ବ୍ୟବସାୟିକ ପେଶାଦାର, ହଜାର ହଜାର ପୁଞ୍ଜିନିବେଶକାରୀ, ୫୦୦ ଇନ୍‌କ୍ୟୁବେଟର ଓ ୧୦ଟି ଦେଶର ପ୍ରତିନିଧିମାନେ ଷ୍ଟାର୍ଟଅପ୍ ମହାକୁମ୍ଭରେ ଭାଗ ନେଉଛନ୍ତି ।

## ଆସାମ-ନେବା

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଆସାମ ବିଧାନସଭା ସହ ମିଶି ଜାତୀୟ ଇ-ବିଧାନ ଆପ୍ଲିକେଶନର ଆୟୋଜନ କରିଛି । କାଗଜବିହୀନ ବ୍ୟବସ୍ଥାପିକା ପ୍ରକ୍ରିୟା ଓ ସରକାରୀ ବିଭାଗ ଗୁଡ଼ିକ ମଧ୍ୟରେ ଯୋଗାଯୋଗ ବୃଦ୍ଧି ଲକ୍ଷ୍ୟରେ ଗୌହାଟୀଠାରେ ଇ-ବିଧାନ ଆପ୍ଲିକେଶନର ଆୟୋଜନ କରାଯାଉଛି । ଜାତୀୟ ଇ-ବିଧାନ ଆପ୍ଲିକେଶନ ଆସାମ ବିଧାନସଭାର କାର୍ଯ୍ୟଶୈଳୀରେ ବିପ୍ଲବାତ୍ମକ ପରିବର୍ତ୍ତନ ଆଣିବ । ବିଧାନସଭାର ସମସ୍ତ କାର୍ଯ୍ୟ କାଗଜ ପରିବର୍ତ୍ତେ ଇଲେକ୍ଟ୍ରୋନିକ୍ସ ଢ଼ାଞ୍ଚାରେ ହେବ । ଏହାଦ୍ୱାରା ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ଇ-କନେକ୍ଟିଭିଟି ଜରିଆରେ କାର୍ଯ୍ୟ ହେବ । ଫଳରେ କେନ୍ଦ୍ର ସରକାରଙ୍କର ଗୋ-ଗ୍ରୀନ୍ କାର୍ଯ୍ୟକ୍ରମକୁ ଲାଗୁ

କରାଯିବ । ଏହି ପଦକ୍ଷେପ ଦ୍ୱାରା ହଜାରହଜାର ଟନ୍ କାଗଜ ସଞ୍ଚୟ ହେବା ସହ ପରିବେଶ ପ୍ରତି ଏହା ଅନୁକୂଳ ହେବ ।

ଏହି ବ୍ୟବସ୍ଥା ଦ୍ୱାରା ଭିଡ଼ିଓ କନ୍‌ଫରେନ୍ସିଙ୍ଗ ଇନ୍‌ଫ୍ରାଷ୍ଟକଚର ଓ ଡିଜିଟାଲ ଲାଇବ୍ରେରୀର ପ୍ରସାର ଘଟିବ । ଏଗୁଡ଼ିକରେ ପୂର୍ବର ରେକର୍ଡ ଗୁଡ଼ିକୁ ଡିଜିଟାଲ ଫର୍ମାଟ୍‌ରେ ସଞ୍ଚୟ କରି ରଖାଯିବ । ଜାତୀୟ ଇ-ବିଧାନ ଆପ୍ଲିକେଶନ ପ୍ରଶାସନିକ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ସହିତ ପ୍ରଶାସନ ସହ ଜଡିତ ବିଭିନ୍ନ ପକ୍ଷ ମଧ୍ୟରେ ସମନ୍ୱୟ ରକ୍ଷା କରିବ ଓ ବିଧାୟକମାନଙ୍କୁ ସାହାଯ୍ୟ କରିବ । ଦୁଇଦିନ ବ୍ୟାପୀ କର୍ମଶାଳା ଆସନ୍ତାକାଲି ଶେଷ ହେବ ।

## ଏସ୍‌ସି-ସତ୍ୟେନ୍ଦ୍ର ଜୈନ

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ସେ ତୁରନ୍ତ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ବେଲା ଏମ୍. ତ୍ରିବେଦୀ ଓ ଜଷ୍ଟିସ ପଙ୍କଜ ମିଥାଲଙ୍କ ଖଣ୍ଡପୀଠ ଶ୍ରୀ ଜୈନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ଆଉ ଦୁଇଜଣ ଅଭିଯୁକ୍ତ ଅଙ୍କୁଶ ଓ ବୈଭବ ଜୈନଙ୍କ ଜାମିନ ଆବେଦନକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି । ସତ୍ୟେନ୍ଦ୍ର ଜୈନ୍ ସ୍ୱାସ୍ଥ୍ୟଗତ କାରଣରୁ ଗତବର୍ଷ ମେ’ ମାସ ୨୬ ତାରିଖରେ

ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଥିଲେ । ପରେ ଏହାକୁ ବାରମ୍ବାର ସମ୍ପ୍ରସାରଣ କରାଯାଇଥିଲା । ଅତିରିକ୍ତ ସଲିସେଟର ଜେନେରାଲ ଏସ୍.ଭି.ରାଜୁ ଏନ୍‌ଫୋର୍ସମେଣ୍ଟ ଡାଇରୋକ୍ଟେରେଟ ପାଇଁ ହାଜର ହୋଇ ମାମଲା ସମ୍ବନ୍ଧୀୟ ସବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଇଡିର ଯୁକ୍ତିକୁ ଖଣ୍ଡନ କରି ବରିଷ୍ଠ ଓକିଲ ଅଭିଷେକ ମନୁ ସିଂହଭି କହିଥିଲେ ଶ୍ରୀ ଜୈନ୍ ବର୍ଷେ ପର୍ଯ୍ୟନ୍ତ ହାଜତରେ ରହିଥିଲେ । ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏକ ଆୟକର ମାମଲାକୁ କଳାଧାନ ମାମଲାରେ ପରିଣତ କରିଦେଇଛନ୍ତି ବୋଲି ଶ୍ରୀ ସିଂହଭି କହିଥିଲେ ।

## ଡେଙ୍ଗୁ-କନ୍‌କ୍ଲେଭ

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଲାମ୍ ଚୋଙ୍ଗୋଇ ସୁଇଟି ଚାଙ୍ଗସାନ୍ ଡେଙ୍ଗୁ ବିପକ୍ଷରେ ଲଢ଼େଇରେ ବହୁମୁଖୀ ଯୋଜନା ପ୍ରଣୟନ ପ୍ରତି ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀରେ ଡେଙ୍ଗୁ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ଚାଙ୍ଗସାନ୍ କହିଛନ୍ତି ଡେଙ୍ଗୁ ରୋଗୀମାନଙ୍କର ସଂଖ୍ୟା ନାହିଁନଥିବା ଭାବେ ବୃଦ୍ଧି ପାଇଛି । ସେ କହିଛନ୍ତି ୩ ଲକ୍ଷ ଡେଙ୍ଗୁ ରୋଗୀ ଗତବର୍ଷ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଶହ ଅଣଚାଳିଶ ଜଣଙ୍କର ମୃତ୍ୟୁ ଘଟିଥିଲା । ଡେଙ୍ଗୁର ମୁକାବିଲା ପାଇଁ ସର୍ବସାଧାରଣ ସୁରକ୍ଷା ଓ ସହରାଞ୍ଚଳ ଯୋଜନା ବିଭାଗ କାନ୍ଧକୁ କାନ୍ଧ ମିଳାଇ କାମ କରିବା ଉଚିତ୍ ବୋଲି ସେ କହିଛନ୍ତି ।

ଆକାଶବାଣୀ ସମ୍ବାଦ ସହ ବାର୍ତ୍ତାଳାପ ସମୟରେ ସେ କହିଛନ୍ତି ଦ୍ରୁତ ସହରୀକରଣ ଓ ଜଳବାୟୁ ପରିବର୍ତ୍ତନ ଏହି ସମସ୍ୟାର ତୀବ୍ରତା ବୃଦ୍ଧି କରିଛି । ଏହି ସମ୍ମିଳନୀ ଡେଙ୍ଗୁର ନିରାକରଣ ପାଇଁ ନୂଆ ନୂଆ ଉପାୟ ଯୋଗାଇ ପାରିବ ବୋଲି ସେ କହିଛନ୍ତି ।

## ଏସ୍‌ସି-ଏସ୍‌ବିଆଇ ବଣ୍ଡ

ନିର୍ବାଚନ ବଣ୍ଡ ସମ୍ବନ୍ଧୀୟ ସବିସ୍ତୃତ ତଥ୍ୟ ପ୍ରଘଟ କରିବାକୁ ସୁପ୍ରିମକୋର୍ଟ ଆଜି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି । ବଣ୍ଡ ନମ୍ବରଗୁଡ଼ିକୁ ପ୍ରଘଟ କରିବାକୁ କୋର୍ଟ ଷ୍ଟେଟ୍‌ବ୍ୟାଙ୍କକୁ କହିଛନ୍ତି । ଏହାଦ୍ୱାରା କେଉଁ ରାଜନୈତିକ ଦଳକୁ କେଉଁ କମ୍ପାନୀ କେତେ ପରିମାଣର ଅର୍ଥ ଦେଇଛି ତାହା ସ୍ପଷ୍ଟ ହୋଇଯିବ । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡଙ୍କ ଅଧକ୍ଷତାରେ ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ବଣ୍ଡ ସମ୍ବନ୍ଧୀୟ ସବିସ୍ତୃତ ତଥ୍ୟ ଦେବାକୁ ହେବ । ଆସନ୍ତା ୨୧ ତାରିଖ ସଂଧ୍ୟା ୫ଟା ସୁଦ୍ଧା ଆଫିଡେଭିଟ୍ ଦାଖଲ କରିବାକୁ କୋର୍ଟ ଷ୍ଟେଟ୍‌ବ୍ୟାଙ୍କ ଚେୟାରମ୍ୟାନଙ୍କୁ କହିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ମିନିଟ୍‌ରେ ଆମେ "Opportunities to grow business and enterprise by joining Government e-Market Place" ଶୀର୍ଷକ ଆଲୋଚନାର ପ୍ରଚାର କରିବୁ । ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ୍ ପ୍ଲେସ୍ ସି.ଇ.ଓ ପ୍ରଶାନ୍ତ ସିଂହ ଆଲୋଚନାରେ ଭାଗନେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏଥିପାଇଁ ସେମାନଙ୍କୁ 011-2342-1050 ଓ 011-2331-4444 ନମ୍ବରକୁ ଡାଏଲ କରିବାକୁ ହେବ । ଏହାବ୍ୟତୀତ ସେମାନେ 92890-94044 ନମ୍ବରକୁ ହ୍ୱାଟ୍ସଆପ୍ ମେସେଜ୍ କରି ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏୟାର ଡଟ୍ ଜି.ଓ.ଭି. ଡଟ୍ ଇନ୍ ଓ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ଉପଲବ୍ଧ ହେବ ।

# ବିହାର ଆକ୍ସିଡେଣ୍ଟ

ବିହାରରେ ୩୧ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣା ଘଟି ୮ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୩ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଖଗଡିଆ ଜିଲ୍ଲାର ପଶ୍ରାହା ଥାନା ନିକଟସ୍ଥ ଅଞ୍ଚଳରେ ଏହି ଦୁର୍ଘଟଣା

ଘଟିଛି । ଗୋଟିଏ ଏସ୍.ୟୁ.ଭିର ସିମେଣ୍ଟ ଲଦା ହୋଇଥିବା ଏକ ଟ୍ରାକ୍ଟର ସହ ଧକ୍କା ଲାଗିବାରୁ ଏହି ଦୁର୍ଘଟଣା ଘଟିଛି । ମୃତ ଲୋକମାନେ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡିଛି । ସେମାନେ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲେ । ଆହତମାନଙ୍କର ଭାଗଲପୁର ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଦୁର୍ଘଟଣାପରେ ଗାଡ଼ି ଓ ଟ୍ରାକ୍ଟରର ଡ୍ରାଇଭର ଖସି ପଳାଇଛନ୍ତି ।

## ତେଲେଙ୍ଗାନା ଗଭର୍ଣ୍ଣର

ତେଲେଙ୍ଗାନା ରାଜ୍ୟପାଳ ଓ ପୁଡୁଚେରୀ ଉପରାଜ୍ୟପାଳ ଡକ୍ଟର ତାମିଲସାଇ ସୁନ୍ଦର ରାଜନ ଇସ୍ତଫା ଦେଇଛନ୍ତି । ହାଇଦ୍ରାବାଦସ୍ଥିତ ରାଜଭବନ ସୂତ୍ରରୁ ମିଳିଥିବା ଖବର ଅନୁସାରେ ତାଙ୍କର ଇସ୍ତଫାପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଛି । ତାମିଲସାଇ ସୁନ୍ଦର ରାଜନ ଚେନ୍ନାଇ ଦକ୍ଷିଣ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାର କୁହାଯାଉଛି ।

## ଇଡି-କେଜରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଦିଲ୍ଲୀ ଜଳବୋର୍ଡ ଅନିୟମିତତା ମାମଲାରେ ଆଜି ଏନ୍‌ଫୋର୍ସମେଣ୍ଟ ଡାଇରୋକ୍ଟେରେଟ୍ ସମନକୁ ଏଡାଇ ଦେଇଛନ୍ତି । ଆମ୍ ଆଦ୍‌ମୀ ପାର୍ଟି ଏହି ସମନକୁ ବେଆଇନ ବର୍ଣ୍ଣନା କରି ବିଜେପି ସରକାର ଶ୍ରୀ କେଜରିୱାଲଙ୍କୁ ଟାର୍ଗେଟ୍

କରିବା ପାଇଁ ଏନ୍‌ଫୋର୍ସମେଣ୍ଟ ଡାଇରୋକ୍ଟେରେଟ୍‌ର ବ୍ୟବହାର କରୁଛି ବୋଲି ଦୋଷାରାପ କରିଛି ।

ଦ୍ୱିତୀୟବାର ଲାଗି ଶ୍ରୀ କେଜରିୱାଲଙ୍କୁ କଳାଧନ ମାମଲାରେ ସମନ ଜାରି କରାଯାଇଛି । ପୂର୍ବରୁ ଦିଲ୍ଲୀ ଅବକାରୀ ନୀତି ମାମଲାରେ ଇଡି ତାଙ୍କୁ ସମନ ଜାରି କରିଥିଲା । ସେହି ମାମଲାରେ ସେ ୮ଥର ସମନକୁ ଏଡାଇଥିଲେ । ଶ୍ରୀ କେଜରିୱାଲ ସମନ ଏଡାଇଥିବାରୁ ତାଙ୍କର ସମାଲୋଚନା କରି ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା କହିଛନ୍ତି ଅରବିନ୍ଦ କେଜରିୱାଲ ଦୁର୍ନୀତି ସହ ଲିପ୍ତ ଥିଲେ ଓ ସେ ତାଙ୍କର ସମ୍ମାନ ହରାଇଛନ୍ତି ଏବଂ ତାଙ୍କ ପାଇଁ କେବଳ ସମନ ହିଁ ରହିଛି ।